# Akashvani, Sambalpur

## SAMBALPURI NEWS BULLETIN

### 27 October 2024- 6.47- 6.52 am.

**********************************************

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ହେତାର୍ ପ୍ରସାରଣ୍ କରାଯିବା । ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଆୟୁଷ୍ମାନ୍ ଯୋଜ୍ନା-ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଏତ୍‌କର ଆୟୁଷ୍ମାନ୍ ଯୋଜ୍ନାଥି ୭୦ ବଛର୍‌ନୁ ଅଏତ୍‌କା ବୟସର୍ ଲୁକେ ଭିଲ୍ ସାମିଲ୍ ହେବେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ଦିନ ହେତାର୍ ଶୁଭାରମ୍ଭ କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ହେ ଦିନ ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ପାଖର୍ ଜଟଣୀ ନ କେନ୍ଦ୍ରୀୟ ଯୋଗ ଆର୍ ପ୍ରାକୃତିକ ଚିକିତ୍ସା ଗବେଷଣା କେନ୍ଦ୍ର ଥାପ୍‌ନାର୍ ଲାଗି ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ ।

ମୁଖ୍ୟମନ୍ତ୍ରୀ-ବାତ୍ୟା ସମୀକ୍ଷା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ବାତ୍ୟା ଉତ୍‌ରୁ ହେଇଥିବା ଚିଠିଥି ପୁନରୁଦ୍ଧାର୍ କାମ୍ ଆହୁରି ତ୍ୱରାନ୍ୱିତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ବାତ୍ୟା ଉତ୍‌ରର୍ ଥିତିର୍ ସମୀକ୍ଷା କର୍‌ବାର୍ ଅବ୍‌ସରେ ସେ କହିଛନ୍ ଯେ, ରାଏଜେ ବାତ୍ୟାର୍ ଥିତି ସ୍ୱାଭାବିକ୍ ହେଇଛେ । ମୋଟ୍ ୮ ଲାଖ୍ ୯ ହଜାର୍ ୫ ଶହ ୧୩ ଝନ୍‌କୁ ବାତ୍ୟା ଆଶ୍ରୟ ଜାଗାକେ ଅନାଯାଇଥିଲା ।

ଥିତି ସୁଧିରବାର୍ ଉତ୍ରୁ ଲୁକେ ନିଜର୍ ଘର୍କେ ଫିରିଛନ୍ । ଏଛେନ୍ ଲାଖେ ୧୦ ହଜାର୍ ୯ ଶହ ୭୦ ଝନ୍ ବାତ୍ୟା ଆଶ୍ରୟ ଜାଗା ନ ଅଛନ୍ । ଯେନ୍ ଇଲାକାଥି ପାଏନ୍ ଅଛେ ସେନର୍ ଲୁକେ ଥିତି ଠିକ୍ ନାଇଁ ହେବାର୍‌ତକ୍ ବାତ୍ୟା ଆଶ୍ରୟ ଜାଗା ନ ରହିପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ବାତ୍ୟାର୍ ଲାଗି ୨୨ ଲାଖ୍ ୮୪ ହଜାର୍ ପରିବାର୍‌କେ ବିଜ୍‌ଲି ଯୋଗାଣ ପ୍ରଭାବିତ୍ ହେଇଥିଲା । ସେଥୁ ୯୨ ପ୍ରତିଶତ୍‌ନୁ ଅଏତ୍‌କା ପରିବାର୍‌କେ ବିଜ୍‌ଲି ଯୋଗାଣ ସ୍ୱାଭାବିକ୍ କରାଯାଇଛେ । ବାକି ଲୁକ୍‌କୁ ବିଜ୍‌ଲି ଯୁଗାବାର୍ କାମ୍ ଜାରି ରହିଛେ । ବାତ୍ୟା ଦାନାଥି କେନ୍ଦ୍ରାପଡ଼ା, ଭଦ୍ରକ୍, ଆର୍ ବାଲେଶ୍ୱର୍ ଜିଲ୍ଲା ଅଏତ୍‌କା ପ୍ରଭାବିତ୍ ହେଇଥିବାର୍ ବେଲେ ପାଖାପାଖି ୨ ଲାଖ୍ ଏକର୍ ଜମିର୍ ଚାଷ୍ ନୁକ୍‌ସାନ୍ ହେଇଛେ ଆର୍ ପାଏନ୍ ଛାଡ଼୍‌ଲା ଉତ୍ରୁ ହେତାର୍ ଆକଲନ୍ କରାଯାଇକରି ଚାଷୀମାନ୍‌କୁ ସାହାଜ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ସ୍ଥଗିତ    ଆର୍‌ଏନ୍‌ୟୁ
/ସମ୍ବଲପୁର

ରାଏଜେ ବାତ୍ୟା 'ଦାନା' ଆର୍ ତାର୍ ଉତାରର୍ ପୁନରୁଦ୍ଧାର୍ କାମ୍‌କେ ନଜରଥି ରଖିକରି ଆଏବା କାଏଲ୍ ଭୁବ୍‌ନେଶ୍ୱର୍‌ର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠଥି ହେବାର୍‌କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣିକେ ସ୍ଥଗିତ୍ ରଖାଯାଇଛେ । ଯେନ୍‌ମାନେ ହେ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟ୍‌ବାର୍‌କେ ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିଥିଲେ, ସେମାନେ ଆଏବା ଅଭିଯୋଗ୍ ଶୁଣାଣିର୍ ଲାଗି ଆର୍ ପଞ୍ଜିକରଣ୍ କର୍‌ବାର୍‌କେ ନାଇଁପଡ଼େ ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ଆବାସ ଯୋଜ୍‌ନା-ପଂଚାୟତିରାଜ୍ ମନ୍ତ୍ରୀ

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୨୦ ଲାଖ୍ ହିତାଧିକାରୀଙ୍କୁ ଆଏବା ୬ ମାସ୍ ଭିତ୍‌ରେ ଆବାସ ଯୋଜ୍‌ନାଥି ପକ୍କା ଘର୍ ଯୁଗେଇ ଦିଆଯିବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ମନ୍ତ୍ରୀ ଶ୍ରୀ ନାଏକ୍ ସ୍ପଷ୍ଟ କରିଛନ୍ ଯେ, ଘର୍ ନାଇଁ ପାଇପାରିଥିବା ହିତାଧିକାରୀମାନେ ହେଥୁ ଲାଭ୍ ପାଏବେ । ସର୍ଭେ ଉତ୍‌ରୁ ସମ୍‌କୁ

ପକ୍କା ଘର୍ ଦିଆଯିବା । ହିତାଧିକାରୀ ବାଛ୍‌ବାରଥି ଭୁଲ୍ ରହେଲେ ଅଧିକାରୀମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ହେବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ୨୦୧୫ ମସିହାନୁ କେନ୍ଦ୍ର ସର୍‌କାର୍ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ମୁଲ୍ କରିଛନ୍ । ହେଥି ଗଲା ମାସ ଓଡ଼ିଶା ଗସ୍ତ ବେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫ ଲାଖ୍ ଗ୍ରାମୀଣ ହିତାଧିକାରୀଙ୍କୁ ପକ୍କା ଘରର୍ କାର୍ଯ୍ୟାଦେଶ୍ ବାଂଟିଥିଲେ । ଇ ଯୋଜ୍‌ନାଥି ପରିବାର୍‌ନୁ ଭିନେ ହେଇଥିବା ପୁଓକେ ଭିଲ୍ ଅଲ୍‌ଗା ଘର୍ ଯୁଗାବାର୍ ବ୍ୟବସ୍ଥା ରାଜ୍ୟ ସର୍‌କାର୍ କରିଛନ୍ ।

ଟେରାକୋଟା ପ୍ରଦର୍ଶନୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱରର୍ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ନ ବଛର୍‌କିଆ ଟେରାକୋଟା ପ୍ରଦର୍ଶନୀ ୨୦୨୪ ମୁଲ୍ ହେଇଛେ । ଗଲାକାଏଲ୍ ହସ୍ତତନ୍ତ, ବୟନ ଆର୍ ହସ୍ତଶିଳ୍ପ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ କୁମାର୍ ପାଢ଼ୀ ପ୍ରଦର୍ଶନୀର୍ ଉଦ୍‌ଘାଟନ୍ କରିଥିଲେ । ଇ ବଛର୍ ୨୭ ଟା ଜିଲ୍ଲାର୍ ୩ ଶହ ନୁ ଅଏତ୍‌କା କାରିଗର୍ ପ୍ରଦର୍ଶନୀଥି ଭାଗ୍ ନେଇଥିବାର୍ ବେଲେ ଆଏବା ୩୦ ତାରିଖ୍‌ତକ୍ ପ୍ରଦର୍ଶନୀ ଚାଲ୍‌ବା ।

ଇଏସ୍ଆଇ ଆର୍ଏନ୍ୟୁ /ସମ୍ବଲପୁର

ଇ ବଛର୍ ଅଗଷ୍ଟ ମାସେ କର୍ମଚାରୀ ରାଜ୍ୟ ବୀମା ଯୋଜ୍ନା - ଇଏସ୍ଆଇ ସ୍କିମ୍ଥି ୨୦ ଲାଖ୍ ୭୪ ହଜାର୍ ନୂଆଁ ଶ୍ରମିକ ଜୁଡ଼ି ହେଇଛନ୍ । କେନ୍ଦ୍ର ଶ୍ରମ ଆର୍ ନିୟୋଜନ ମନ୍ତ୍ରଣାଳୟ ତର୍ଫୁ ଦିଆଯାଇଥିବା ସୂଚ୍ନା ଅନ୍ସାରେ ଅଗଷ୍ଟ ମାସେ ୨୮ ହଜାର୍ ୯ ଶହ ୧୭ ଟା ନୂଆଁ ପ୍ରତିଷ୍ଠାନ୍କେ ଇଏସ୍ଆଇର ସାମାଜିକ୍ ସୁରକ୍ଷା ପରିସରକେ ଅନାଯାଇଛେ । ଗଲାବଛର୍ ଅଗଷ୍ଟ ମାସ୍ ଠାନୁ ଇ ବଛର୍ ଅଗଷ୍ଟ ମାସେ ଇଏସ୍ଆଇଥି  ନୂଆଁ ଶ୍ରମିକ୍ ଜୁଡ଼ି ହେବାର୍ଥି ୬ ଦଶ୍ମିକ୍ ୮ / ଶୂନ୍ ପ୍ରତିଶତ୍ ଅଭିବୃଦ୍ଧି ହେଇଛେ ।

ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଜିଲ୍ଲା ଚଢ଼େଇ ଗାଁ ନ ଥିବା ଇମ୍ପେରିଆଲ୍ କଲେଜ୍ଥି ଗଲାକାଏଲ୍ନୁ ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ମୁଲ୍ ହେଇଛେ । ହେଥି ଶହେ ୮ ଝନ୍ ପ୍ରତିଯୋଗୀ ଭାଗ୍ ନେଇଛନ୍ । ସୁଇସ୍ ପଦ୍ଧତିଥି ୮ ଟା ରାଉଣ୍ଡ୍ ନ ସବୁ ଖେଳାଳି ଖେଳିପାର୍ବେ ବଲି ଜିଲ୍ଲା ଚେସ୍ ଆସୋସିଏସନ୍ ତର୍ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍‌ଠାନୁ ବାତ୍ୟାର୍ ପ୍ରଭାବ୍ ଆଉ ନାଇଁ ରହେ, ଆଏବା ୩୧ ତାରିଖ୍‌ତକ୍ ପାଗ୍ ଶୁଖ୍‌ଲା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଇ ସମିଆଥି ଉତର୍ ଓଡ଼ିଶାର୍ କେତେ ଜାଗା ନ ହଲ୍‌କା ବର୍ଷା ହେଇପାରେ ବଲି କୁହାଯାଇଛେ ।